# 23rd Meeting of the Working Mechanism for Consultation & Coordination on India-China Border Affairs

November 18, 2021

## ଭାରତ-ଚୀନ ସୀମା ମାମଲା ଉପରେ ବିଚାର ବିମର୍ଷ ଓ ସମନ୍ୱୟ ରକ୍ଷା ପାଇଁ ୱାର୍କିଂ ମେକାନିଜିମର 23 ତମ ବୈଠକ

**ନଭେମ୍ବର 18, 2021**

ଭାରତ-ଚୀନ ସୀମା ମାମଲା (ଡବ୍ଲୁଏମସିସି) ଉପରେ ବିଚାର ବିମର୍ଷ ଓ ସମନ୍ୱୟ ରକ୍ଷା ପାଇଁ ୱାର୍କିଂ ମେକାନିଜିମର 23 ତମ ବୈଠକ 18 ନଭେମ୍ବର 2021 ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ (ପୂର୍ବ ଏସିଆ) ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ। ଚୀନ ବୈଦେଶିକ ମନ୍ତ୍ରଣାଳୟର ସୀମା ଓ ମହାସାଗରୀୟ ବିଭାଗର ମହାନିର୍ଦ୍ଦେଶକ ଚୀନ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

2. ଚଳିତ ବର୍ଷ ସେପ୍ଟେମ୍ବରରେ ଦୁଶାନବେରେ ଅନୁଷ୍ଠିତ ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ଚୀନର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଉଭୟ ପକ୍ଷ ମନେ ପକାଇ କହିଥିଲେ ଯେ ପୂର୍ବ ଲଦାଖରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଅବଶିଷ୍ଟ ସମସ୍ୟାର ସମାଧାନ ପାଇଁ ଉଭୟ ପକ୍ଷର ସାମରିକ ତଥା କୂଟନୈତିକ ଅଧିକାରୀମାନେ ଆଲୋଚନା ଜାରି ରଖିବା ଉଚିତ୍। ତଦନୁଯାୟୀ ଭାରତ-ଚୀନ ସୀମାଞ୍ଚଳର ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ପରିସ୍ଥିତି ଉପରେ ଉଭୟ ପକ୍ଷ ଖୋଲା ଓ ଗଭୀର ଆଲୋଚନା କରିଥିଲେ ଏବଂ 10 ଅକ୍ଟୋବର 2021 ରେ ଅନୁଷ୍ଠିତ ଉଭୟ ପକ୍ଷର ବରିଷ୍ଠ କମାଣ୍ଡରମାନଙ୍କ ବୈଠକ ପରଠାରୁ ହୋଇଥିବା ବିକାଶର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ଦ୍ୱିପାକ୍ଷିକ ଚୁକ୍ତିନାମା ଓ ପ୍ରୋଟୋକଲଗୁଡିକୁ ସମ୍ପୂର୍ଣ୍ଣରୂପେ ପାଳନ କରି ପୂର୍ବ ଲଦାଖରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନ କରିବାର ଆବଶ୍ୟକତା ଉପରେ ସହମତ ହୋଇଥିଲେ ଯାହା ଦ୍ୱାରା ଶାନ୍ତି ଓ ସ୍ଥିରତା ଫେରାଇ ଆଣିହେବ। ଉଭୟ ଦଳ ମଧ୍ୟ ସହମତ ହୋଇଥିଲେ ଯେ ଉଭୟ ପକ୍ଷ ମଧ୍ୟ ଭୂମି ସ୍ତରରେ ସ୍ଥିତିକୁ ସ୍ଥିର ରଖିବା ସୁନିଶ୍ଚିତ କରିବା ଉଚିତ୍ ଏବଂ କୌଣସି ଅଘଟଣକୁ ରୋକିବା ପାଇଁ କାର୍ଯ୍ୟ ଜାରି ରଖିବା ଉଚିତ୍।

3. ଦ୍ୱିପାକ୍ଷିକ ଚୁକ୍ତିନାମା ଓ ପ୍ରୋଟୋକଲ ଅନୁଯାୟୀ ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଥିବା ସମସ୍ତ ବିବାଦୀୟ ସ୍ଥାନରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ଲକ୍ଷ୍ୟ ହାସଲ କରିବା ପାଇଁ ବରିଷ୍ଠ କମାଣ୍ଡରମାନଙ୍କ ବୈଠକର ପରବର୍ତ୍ତୀ (14 ତମ) ପର୍ଯ୍ୟାୟ ଶୀଘ୍ର ଆୟୋଜନ କରିବା ଉଚିତ୍ ବୋଲି ଉଭୟ ପକ୍ଷ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 18, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.